# ପିଲାଙ୍କ ଧରିତ୍ରୀ

ଶନିବାର ,୩୦ ସେପ୍ଟେମ୍ବର, ୨୦୨୩




## ଖିଲି ଖିଲି ହସ

ଥରେ ମଣ୍ଟୁ ଗୋଟିଏ ମ୍ୟାସେଜ୍‌କୁ ଦୁଇ ଥର ପଠାଉଥାଏ। ଏହା ଦେଖି ଚିଣ୍ଟୁ କହିଲା, ଆରେ ବୋକା, ତୁ ଗୋଟିଏ ମ୍ୟାସେଜ୍ ଜଣଙ୍କୁ ଦୁଇ ଥର କାହିଁକି ପଠାଉଛୁ? ମଣ୍ଟୁ ଉତ୍ତର ଦେଲା, ତୁ ବୁଝିପାରୁନୁ, ଯଦି ମୋର ଗୋଟିଏ ମ୍ୟାସେଜ ଗଲା, ତେବେ ଆଉ ଗୋଟିଏ ମ୍ୟାସେଜ ମୋ ପାଖରେ ରହିବ। ତେଣୁ ମୁଁ ଏକାଥରେ ଜଣଙ୍କୁ ଗୋଟିଏ ମ୍ୟାସେଜ ଦୁଇ ଥର ପଠାଉଛି।

**–ପୁନୀତ ଦାସ, ଯାଜପୁର**

ବାପାଙ୍କ ସହ ଟ୍ରେନ୍‌ରେ ସିପୁନ୍ ଦିଲ୍ଲୀ ଯାଉଥାଏ। ମଝିରେ ପ୍ରାୟ ୧୫-୨୦ ମିନିଟ୍ ପାଇଁ ଟ୍ରେନ୍ ଅଟକି ଗଲା। ଏହା ଦେଖି ସିପୁନ୍ ତା' ବାପାଙ୍କୁ ପଚାରିଲା, ବାପା, ଟ୍ରେନ୍ କାହିଁକି ଏତେ ସମୟ ଧରି ଅଟକି ରହିଛି। ତା' ବାପା ଉତ୍ତର ଦେଲେ, ବର୍ଷା ପାଇଁ । ସିପୁନ୍ କହିଲା, ଯଦି ବର୍ଷା ଆଣ୍ଟି ପାଇଁ ଟ୍ରେନ୍ ଅଟକି ରହିଛି, ତାଙ୍କୁ ଟ୍ରେନ୍‌ରୁ ଓହ୍ଲାଇ ଦେଉନାହାନ୍ତି କାହିଁକି ?

–ବିକାଶ କୁମାର ନାୟକ, ରାଉରକେଲା

ରମେଶ ବାବୁଙ୍କର ଘଣ୍ଟା ହଜିଗଲା। ସେ ଘରକୁ ଆସି ତାଙ୍କ ପତ୍ନୀଙ୍କୁ କହିଲେ, ଆରେ ଶୁଣୁଛ, ମୋ ଘଣ୍ଟା ହଜିଗଲା। ପତ୍ନୀ ପଚାରିଲେ, ଘଣ୍ଟା ଚାଲୁଥିଲା ତ? ରମେଶ ବାବୁ ଉତ୍ତର ଦେଲେ, ହଁ। ଏକଥା ଶୁଣି ପତ୍ନୀ କହିଲେ, ତେବେ ତୁମେ କାହିଁକି ବ୍ୟସ୍ତ ହେଉଛ? ଯଦି ଘଣ୍ଟା ହଜି ଯାଇଛି ଆଉ ଚାଲୁଛି, ତେବେ ସେ ବୁଲି ବୁଲି ନିଶ୍ଚୟ ଘରକୁ ଫେରି ଆସିବ।

–ରମାକାନ୍ତ ପ୍ରଧାନ, କଟକ

# ସତ କହିବାକୁ ଡରିବା ନାହିଁ



ଗପ

ସୁନାମଧନ୍ୟ କବି ରାମକୃଷ୍ଣ ନନ୍ଦ ଏକଦା ଲେଖିଥିଲେ, ସତ କହିବାକୁ କିଆଁ ଡରିବି, ସତ କହି ପଛେ ମଲେ ମରିବି। କିନ୍ତୁ ଥରେ ଚିନ୍ତା କରି ଦେଖିଲ ପିଲାମାନେ! ଆମେ ସେହି ଯଶସ୍ୱୀ କବିଙ୍କ ଅମର ଲେଖାକୁ କେତେଦୂର ନିଜ ଜୀବନରେ ପରିପ୍ରକାଶ କରି ପାରିଛେ?

ଆମେ ବିଦ୍ୟାଳୟରେ ଖୁବ୍ ସୁନ୍ଦର ଭାବରେ ସବୁଦିନ ପ୍ରାର୍ଥନା କରୁଛେ, କିନ୍ତୁ ବ୍ୟକ୍ତିଗତ ଜୀବନରେ ନିଜେ ତାହା ପାଳନ କରିବା ବେଳକୁ ସବୁ ଭୁଲି ଯାଉଛେ। ଏ ବିଷୟରେ ଏକ ସୁନ୍ଦର କାହାଣୀଟିଏ। ମହାଭାରତ ବେଳର କଥା। ବାଲ୍ୟକାଳରେ ପାଣ୍ଡବମାନେ ଗୁରୁ ଦ୍ରୋଣଙ୍କ ତତ୍ତ୍ୱାବଧାନରେ ରହି ପାଠ ପଢୁଥିଲେ। ଗୁରୁ ଯାହା ପଢାନ୍ତି, ସମସ୍ତେ ମନଯୋଗ ସହକାରେ ମନେ ରଖୁଥିଲେ। ଦିନେ ଗୁରୁ ଦ୍ରୋଣ ସତ କହିବା ଓ କ୍ରୋଧ ନ କରିବା ବିଷୟରେ ପାଠ ପଢ଼ାଉଥିଲେ ଏବଂ ପରେ ପ୍ରଶ୍ନ ପଚାରିବେ ବୋଲି ଚେତାବନୀ ମଧ୍ୟ ଦେଲେ।

କିଛିଦିନ ପରେ ଗୁରୁ ଦ୍ରୋଣ ହଠାତ୍ ସମସ୍ତ ବିଦ୍ୟାର୍ଥୀଙ୍କୁ ପଚାରିଲେ, ତୁମେ ସବୁ ପାଠ ପଢ଼ିଛ? ଗୁରୁଦେବଙ୍କ ପ୍ରଶ୍ନ ଶୁଣି କିଏ କହିଲା ମୁଁ ଦଶ ପୃଷ୍ଠା ମନେରଖିଛି, କିଏ କହିଲା ମୁଁ କୋଡ଼ିଏ ପୃଷ୍ଠା ମନେରଖିଛି। ଯେତେବେଳେ ସତ୍ୟ ଓ ଧର୍ମକୁ ଭଲ ପାଉଥିବା ଯୁଧିଷ୍ଠିରଙ୍କୁ ଗୁରୁ ଦ୍ରୋଣ ପ୍ରଶ୍ନ କଲେ, ସେ ଡରି ଡରି କହିଲେ, ମୁଁ କେବଳ ଦୁଇଟି ବାକ୍ୟ ମନେରଖିଛି। ତାଙ୍କର ଏହି ଉତ୍ତର ଶୁଣି ଦ୍ରୋଣ ପ୍ରଚଣ୍ଡ ରାଗିଗଲେ। ତତ୍କ୍ଷଣାତ ବେତରେ ଦୁଇ ପାହାର ମଧ୍ୟ ପିଟି ପକାଇଲେ। କିନ୍ତୁ ଯୁଧିଷ୍ଠିର ଚୁପ୍‌ଚାପ୍ କିଛି ନ କହି ସେମିତି ଠିଆ ହୋଇ ରହିଲେ। ଯୁଧିଷ୍ଠିରଙ୍କ ଏହି ବ୍ୟବହାରରେ ଦ୍ରୋଣ ବଡ଼ ଆଶ୍ଚର୍ଯ୍ୟ ହେଲେ, ସେ ପୁନର୍ବାର ପ୍ରଶ୍ନ କଲେ, କେଉଁ ଦୁଇଟି ବାକ୍ୟ ତୁମେ ମନେରଖିଛ? ଯୁଧିଷ୍ଠିର ଶାନ୍ତ ଭାବେ ଉତ୍ତର ଦେଲେ, ଗୁରୁଦେବ, ସେ ଦୁଇଟି ବାକ୍ୟ ହେଲା, କ୍ରୋଧ କର ନାହିଁ, ସତ୍ୟ କୁହ। ଏହି ଦୁଇ ବାକ୍ୟ ମୁଁ ମନେରଖିଛି। ଆପଣ ଯେତେବେଳେ ବେତରେ ମାରୁଥିଲେ ସେତେବେଳେ ମୋ ମନରେ କ୍ରୋଧ ତ ଆସୁଥିଲା, କିନ୍ତୁ ମୁଁ ମୋ ମନକୁ ବାରମ୍ବାର ବୁଝାଉଥିଲି ଯେ କ୍ରୋଧ କରିବା ତଥା ଗୁରୁଜନମାନଙ୍କୁ ଅସମ୍ମାନ କରିବା ଅନୁଚିତ। ଗୁରୁ ଦ୍ରୋଣ ଯୁଧିଷ୍ଠିରଙ୍କ ସତ୍ୟବାଦିତା କଥା ଶୁଣି ଆଶ୍ଚର୍ଯ୍ୟ ଏବଂ ଖୁବ୍ ପ୍ରଭାବିତ ହେଲେ। ଖୁସିରେ ଗଦ୍‌ଗଦ ହୋଇ କହିଲେ, ପୁତ୍ର ତୁମେ ହିଁ ଯଥାର୍ଥରେ ପଢିଛ! ତୁମ ଭଳି ଶିଷ୍ୟ ପାଇ ନିଜକୁ ଧନ୍ୟ ମନେକରୁଛି! ପୁତ୍ର ତୁମର ସଦା ବିଜୟ ହିଁ ହେଉ।

**– ପ୍ରଭାତ କୁମାର ମହାପାତ୍ର**
ସ୍ୱାମୀ ବିବେକାନନ୍ଦ ବନଭାରତୀ ବିଦ୍ୟାପୀଠ,
କୋରାପୁଟ, ମୋ: ୭୮୯୪୦୦୫୪୫୫

## ପିଲାଙ୍କ ଧରିତ୍ରୀ

ସମ୍ପାଦକ: ତଥାଗତ ସତପଥୀ

Printed and published by Sri Tathagata Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ-ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

# କେତେ ଭଲ ଥଣ୍ଡା ପାଣି

**ଥଣ୍ଡା ପାଣି ପିଇବା ପାଇଁ ହୁଏତ ଭଲ ଲାଗେ। କିନ୍ତୁ ଏହା ସ୍ୱାସ୍ଥ୍ୟ ଲାଗି ଭଲ କି ନୁହେଁ ସେ ବିଷୟରେ ସୂଚିତ କରାଯାଉଛି...**



- ଥଣ୍ଡା ପାଣି ପିଇବା ଫଳରେ ଶରୀରର ତାପମାତ୍ରା କମ୍ ହୋଇଯାଏ, ଯାହା ପ୍ରଭାବରେ ମାଂଶପେଶୀରେ ବିଭିନ୍ନ ସମସ୍ୟା ସୃଷ୍ଟି ହୁଏ। ବିଶେଷକରି ଖେଳାଳିମାନେ ଏଥିପାଇଁ ଅନେକ ସମୟରେ ସମସ୍ୟାରେ ପଡ଼ିଥାନ୍ତି।
- ଖାଇବା ସମୟରେ ଯଦି ଥଣ୍ଡା ପାଣି ପିଉଛନ୍ତି ତାହାହେଲେ ମୋଟା ହେବାର ଆଶଙ୍କା ବି ଅଧିକ ରହିଥାଏ।
- ଥଣ୍ଡା ପାଣି ପିଇବା ଅଭ୍ୟାସ ଥିବା ଲୋକଙ୍କର ଖାଦ୍ୟ ହଜମ ହେବାରେ ମଧ୍ୟ ସମସ୍ୟା ଦେଖା ଯାଇଥାଏ।
- ପ୍ରତିଦିନ ଥଣ୍ଡା ପାଣି ପିଉଥିଲେ କିଛିଦିନ ପରେ ପେଟରେ ଗ୍ୟସ, କୋଷ୍ଠକାଠିନ୍ୟ ଭଳି ବିଭିନ୍ନ ଲକ୍ଷଣ ଦେଖାଦେଇଥାଏ।
- ଏଥିଯୋଗୁ ଆର୍ଥ୍ରାଇଟିସ୍ ସମସ୍ୟା ମଧ୍ୟ ଅଧିକ ଜଟିଳ ହୋଇଥାଏ।
- ଫ୍ରିଜ୍‌ରୁ ବାହାର କରି ଥଣ୍ଡା ପାଣି ପିଇଲେ ଅନେକ ସମୟରେ ଶରୀର କୁଣ୍ଠାଇହେବା କିମ୍ବା ଦରଜ ହେବା ଭଳି ସମସ୍ୟା ମଧ୍ୟ ଦେଖାଦିଏ।

## ମତାମତ

▸▸ 'ଗୋଟିଏ ଅଦ୍ଭୁତ କାହାଣୀ' ଗପଟି ଭଲ ଲାଗିଲା।

–ତନୁଜା ନାୟକ, ସୋନପୁର

▸▸ ତିନି ନମ୍ବର ପୃଷ୍ଠାରେ ପ୍ରକାଶ ପାଉଥିବା ବିଷୟଗୁଡିକ ବେଶ୍ ଶିକ୍ଷଣୀୟ ହୋଇପାରୁଛି।

–ଅନିକେତ ମଙ୍ଗରାଜ, ଭୁବନେଶ୍ୱର

▸▸ ଗତ ସପ୍ତାହରେ 'ତୁମ ତୂଳୀରୁ' ସ୍ତମ୍ଭରେ ପ୍ରକାଶିତ ଚିତ୍ରଗୁଡିକ ସୁନ୍ଦର ହୋଇଛି।

–ସୁନନ୍ଦା ଦାସ, ଖୋର୍ଦ୍ଧା

▸▸ ଏଥର କବିତା ପୃଷ୍ଠାରେ ପ୍ରକାଶିତ କବିତାଗୁଡିକ ମନକୁ ଛୁଇଁଲାଭଳି ।


–ମୃତ୍ୟୁଞ୍ଜୟ ଭଞ୍ଜ, କେନ୍ଦ୍ରାପଡା

▸▸ 'ଆଇନା' ସ୍ତମ୍ଭରେ ପ୍ରକାଶ ପାଉଥିବା ଫଟୋଗୁଡିକ ୦ ଲାଗୁଛି।

–ଦିପ୍ତିମୟୀ ସାହୁ, ନୟାଗଡ

## ତୁମ ପଢ଼ିବା ପାଇଁ

# ମୋ ଆଶା



ତ୍ରୟମାସିକ ଶିଶୁ କିଶୋର ପତ୍ରିକା 'ମୋ ଆଶା'ର ଜୁଲାଇ-ସେପ୍ଟେମ୍ବର ସଂଖ୍ୟାରେ ରହିଛି ଅନେକ ପ୍ରକାର ଶିକ୍ଷଣୀୟ ବିଷୟବସ୍ତୁ। ଏହାର ବିଭିନ୍ନ ସ୍ତମ୍ଭରେ ପ୍ରକାଶିତ ବିଷୟଗୁଡିକ ମଧ୍ୟରୁ ଲୁଣିଆ ଭୂତ, ଶେଷ ଚେଷ୍ଟା, ସଫା ରଖିବା ଘର ବାହାର, ଛୋଟ ହେଲେ ବି ସମ୍ମାନ ଅଛି, କନ୍ୟାକୁମାରୀ ଦର୍ଶନ, ଏଇ ଆମରି ଦେଶ ଆଦି ପିଲାମାନଙ୍କ ପାଇଁ ଶିକ୍ଷଣୀୟ ହେବ ବୋଲି ଆଶା କରାଯାଏ। ସୁମନ୍ତ ମହାରଣାଙ୍କ ସମ୍ପାଦିତ ଏହି ପତ୍ରିକାର ମୂଲ୍ୟ ରହିଛି ୨୦ଟଙ୍କା। ଯୋଗାଯୋଗ- 'ମୋ ଆଶା', ଲିଟିଲ୍ ଷ୍ଟାର ଗ୍ରୁପ୍, ପାଟପୁର, ନିମାପଡା, ପୁରୀ।

## ରଙ୍ଗ ଦିଅ





ପାଠ ପଢି ଜ୍ଞାନ ହାସଲ କରିବା ଯେମିତି ଜରୁରୀ ସେମିତି ଆତ୍ମରକ୍ଷାର କୌଶଳ ମଧ୍ୟ ଜାଣିବା ଦରକାର। ସବୁ ସମୟରେ ନିଜର ସୁରକ୍ଷା ନିମନ୍ତେ ଛୋଟବେଳରୁ ପିଲାଙ୍କୁ ଏହି ଶିକ୍ଷା ଦେବା ବର୍ତ୍ତମାନ ସମୟରେ ଆବଶ୍ୟକ ହେଲାଣି। ଏଥିପାଇଁ ଏବେ ବିଭିନ୍ନ ସ୍କୁଲରେ ମଧ୍ୟ ଏସବୁ କୌଶଳ ସମ୍ପର୍କରେ ଶିକ୍ଷା ଦିଆଯାଉଛି।

# ଆତ୍ମରକ୍ଷା ଶିକ୍ଷା

ସମାଜର ବିଭିନ୍ନ ସ୍ଥାନରେ ହିଂସା ଓ ଅପରାଧ ଯେଉଁଭଳି ବଢିବାରେ ଲାଗିଛି ସେଭଳି ସମୟରେ ପିଲାଙ୍କୁ ଆତ୍ମରକ୍ଷାର କୌଶଳ ଶିକ୍ଷା ଦେବା ନିହାତି ଜରୁରୀ ହୋଇପଡିଛି। ବିପଦ ସବୁବେଳେ ଅକସ୍ମାତ୍ ହିଁ ଆସିଥାଏ। ଅବଶ୍ୟ ସବୁ ପ୍ରକାରର ବିପଦକୁ ମୁକାବିଲା କରିବା ସମ୍ଭବ ହୋଇ ନ ଥାଏ କିନ୍ତୁ ଆତ୍ମରକ୍ଷା ପାଇଁ ପ୍ରସ୍ତୁତ ରହିବା ଦରକାର। ଏଥିପାଇଁ ବିଭିନ୍ନ ପ୍ରକାରର କୌଶଳ ଶିକ୍ଷା କରିବାକୁ ହେବ। ଆତ୍ମରକ୍ଷାର ବିଭିନ୍ନ କୌଶଳ ମଧ୍ୟରେ ତାଇକୋଣ୍ଡୋ, ଜୁଡୋ, କରାଟେ, ଉଷୁ, କିକ୍‌ବକ୍ସିଂ, କୁମ୍ଫୁ, ଆଇକିଡୋ, ମୁଏଥାଇ ଆଦି ଅନ୍ୟତମ। ତେବେ ସୁରକ୍ଷିତ ଜୀବନ ପାଇଁ ପିଲାଙ୍କୁ ଛୋଟବେଳରୁ ଏହି ଶିକ୍ଷା ଦେବାର ଗୁରୁତ୍ୱକୁ ଅନୁଭବ କରି ଏବେ ବିଭିନ୍ନ ସ୍କୁଲରେ ମଧ୍ୟ ଏସବୁ ତାଲିମ୍ ଦିଆଗଲାଣି। ଅବଶ୍ୟ ଏବେ ଏହି ଶିକ୍ଷା ସମୟର ଆବଶ୍ୟକତା ହୋଇପଡିଛି। ଏଭଳି ଶିକ୍ଷା ମାଧ୍ୟମରେ ଏକ ସମୟରେ ପିଲାଙ୍କୁ ସଶକ୍ତ କରିବା ସହ ସେମାନଙ୍କର ବିଭିନ୍ନ ଦିଗରୁ ବିକାଶରେ ସହାୟକ ହୋଇଥାଏ।

## ସବୁବେଳେ ସୁରକ୍ଷିତ

ପିଲାବେଳରୁ ଆତ୍ମ ସୁରକ୍ଷା କୌଶଳ ଶିକ୍ଷା କରିଥିଲେ ନିଜକୁ ତଥା ପରିବାରକୁ ସୁରକ୍ଷା ଦେଇପାରିବ। ହଠାତ୍ କୌଣସି ବିପଦ ଆସିଲେ ପିଲାଟି ନିଜକୁ ରକ୍ଷା କରିବା ସହିତ ଦରକାର ପଡିଲେ ଅନ୍ୟମାନଙ୍କୁ ବି ସୁରକ୍ଷା ଯୋଗାଇ ପାରିବ। ତେଣୁ ସବୁବେଳେ ସୁରକ୍ଷିତ ରହିବା ପାଇଁ ଏହା ଏକ ପ୍ରମୁଖ ମାର୍ଗ ହୋଇପାରିବ।

## ଆତ୍ମବିଶ୍ୱାସ ବଢାଏ

ଆତ୍ମରକ୍ଷାର କୌଶଳ ସମ୍ପର୍କରେ ତାଲିମ ନେଉଥିବା ପିଲାମାନଙ୍କର ଆତ୍ମବିଶ୍ୱାସ ଢେର୍ ବୃଦ୍ଧି ପାଇଥାଏ। ପିଲାମାନଙ୍କୁ ଏହି ଶିକ୍ଷା ଜୀବନର ଶୃଙ୍ଖଳା ଶିଖାଇବା ସହିତ ଏକ ମଜା ଖେଳ ଭଳି ମନେ ହୋଇଥାଏ। ତେଣୁ ସେମାନଙ୍କୁ ପରିସ୍ଥିତିକୁ ସମୁଖୀନ ହେବା ନିମନ୍ତେ ସ୍ୱତନ୍ତ୍ର କରି ଗଢି ତୋଳିଥାଏ। ଆତ୍ମ ରକ୍ଷା କୌଶଳ ଜାଣିବା ଫଳରେ ପିଲାମାନେ ସବୁ ସମୟରେ ସକାରାତ୍ମକ ଚିନ୍ତାଧାରା ରଖନ୍ତି। ସେମାନଙ୍କୁ କୌଣସି ଭୟ ରହି ନ ଥାଏ ଏବଂ ନିଜ ଭିତରେ ଏକ ସ୍ୱତନ୍ତ୍ର କ୍ଷମତା ରହିଥିବା ଭଳି ମନେ କରିଥାନ୍ତି।

## ଦକ୍ଷତା ବୃଦ୍ଧି

କୌଣସି ପ୍ରକାରର ଆତର୍କିତ ଆକ୍ରମଣ ବା ହଠାତ୍ କିଛି ବିପଦ ଆସିଲେ ସେଭଳି ପରିସ୍ଥିତିକୁ ସାମ୍ନା କରିବା ପାଇଁ ପିଲାଙ୍କ ଭିତରେ ଏକ ଦକ୍ଷତା ସୃଷ୍ଟି ହୁଏ। ଆକ୍ରମଣକାରୀକୁ କିଭଳି ପରାସ୍ତ କରିହେବ ସେସମ୍ପର୍କରେ ଜାଣିଥିବାରୁ ସାଧାରଣ ସ୍ଥାନରେ କିମ୍ୱା ରାତିରେ ମଧ୍ୟ ସେମାନଙ୍କୁ ଭୟ ପ୍ରାୟତଃ କମ୍ ଲାଗିଥାଏ। ତେଣୁ କହିବାକୁ ଗଲେ ଆତ୍ମରକ୍ଷାର ବିଭିନ୍ନ କୌଶଳ ଜାଣିବା ପିଲା ପାଇଁ ଏକ ସ୍ୱତନ୍ତ୍ର ଦକ୍ଷତା ସୃଷ୍ଟି କରିବା ସହ ସମାନ।

## ସ୍ୱାସ୍ଥ୍ୟ ରକ୍ଷା ଓ ଫିଟ୍‌ନେସ୍

ଆତ୍ମ ରକ୍ଷାର ବିଭିନ୍ନ କୌଶଳ ଶିକ୍ଷା କରିବା ସମୟରେ ପ୍ରଥମେ ଫିଟ୍‌ନେସ୍ ପ୍ରତି ଗୁରୁତ୍ୱ ଦିଆଯାଏ। ତେଣୁ ଏହା ସ୍ୱାସ୍ଥ୍ୟକୁ ଭଲ ରଖିବା ସହ କ୍ୟାଲୋରୀ କମ୍ କରିଥାଏ ଏବଂ ମେଦ ବୃଦ୍ଧି କରିବାକୁ ଦେଇ ନ ଥାଏ। ପ୍ରତିଦିନ ବ୍ୟାୟାମ କରିବା ଫଳରେ ଏକ ସମୟରେ ସ୍ୱାସ୍ଥ୍ୟ ରକ୍ଷା ହେବା ସହିତ ମାନସିକ ସ୍ଥିତି ମଧ୍ୟ ଭଲ ରହିଥାଏ।

## ସାମାଜିକ ସମ୍ପର୍କ

ଆତ୍ମ ରକ୍ଷାର କୌଶଳ ଜାଣିବା ଫଳରେ ସାମାଜିକ ସମ୍ପର୍କ ସୁଦୃଢ ହୋଇଥାଏ। ଏହି ଶିକ୍ଷା ଏକ ପ୍ରକାରର ମାର୍ଶାଲ ଆର୍ଟ କହିଲେ ଭୁଲ ହେବ ନାହିଁ। ତେଣୁ ଏହା ପ୍ରତ୍ୟେକଙ୍କୁ ଧୈର୍ଯ୍ୟ, ସାହସ ତଥା ଗୁରୁଜନଙ୍କୁ ସମ୍ମାନ ଦେବା ଶିଖାଇଥାଏ। ବ୍ୟବହାରକୁ ମାର୍ଜିତ କରିବା ପାଇଁ ମଧ୍ୟ ଶିକ୍ଷା ଦେଇଥାଏ।



## କେବେ ମିସ୍ କରେନି



କରାଟେ କ୍ଲାସ କେବେ ମିସ୍ କରେନି। ଏଥିପାଇଁ ସବୁଦିନ ପ୍ରାକ୍ଟିସ୍ ବି କରୁଛି। ଫାଇଟ୍ କରିବା ଲାଗି ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେବାକୁ ବି ଯାଉଛି। ଆମ କରାଟେ ସାର୍ କରାଟେ, କୁମ୍ଫୁ ଆଦି ବିଭିନ୍ନ ପ୍ରକାରର କୌଶଳ ଶିଖାନ୍ତି। ଆମେ କେମିତି ଅନ୍ୟକୁ ପ୍ରତିରୋଧ କରିପାରିବୁ ତାହା ଶିଖୁ। ବେଳେବେଳେ ଏସବୁ ଖେଳ ଭଳି ଲାଗେ, କିନ୍ତୁ ଫାଇଟ୍ କରିବା ପାଇଁ ବହୁତ ମଜା ଲାଗେ। ସାର୍ କହିଛନ୍ତି ଏହି ସବୁ ଷ୍ଟାଇଲ୍ ଶିଖିଥିଲେ ଆମକୁ କେହି ଡରେଇ ପାରିବେ ନାହିଁ। ତେଣୁ ସବୁବେଳେ ଆମେ ଆକ୍ରମଣକାରୀକୁ ମୁକାବିଲା କରିପାରିବୁ।

**– ଆର୍ଯ୍ୟନ୍ ମହାନ୍ତି**

କ୍ଲାସ– ୮, ପ୍ରଭୁଜୀ ଇଂଲିଶ ମିଡିୟମ୍ ସ୍କୁଲ, ଭୁବନେଶ୍ୱର

## ଏବେ ଭଲ ଲାଗୁଛି



ତିନି ବର୍ଷ ହେଲାଣି କରାଟେ ଶିଖୁଛି। ସବୁଦିନ କପ୍ରାକ୍ଟିସ୍ କରୁଛି। ପ୍ରଥମେ ପ୍ରଥମେ ଆଦୌ ଭଲ ଲାଗୁ ନ ଥିଲା, କିନ୍ତୁ ଏବେ ବହୁତ କିଛି ଶିଖି ପାରିଛି। ସାର୍ ଆମକୁ ବିଭିନ୍ନ ପ୍ରକାରର ଟ୍ରିକ୍ ଶିଖାଇଛନ୍ତି। କେମିତି ଫାଇଟ୍ କରିବାକୁ ହବ ପ୍ରାୟ ଜାଣି ସାରିଛି। କରାଟେ କ୍ଲାସ ବନ୍ଦ କଲେ ମାମା ବହୁତ ରାଗେ। ସ୍କୁଲକୁ ଯିବା ଭଳି କରାଟେ କ୍ଲାସ ସବୁବେଳେ ଯିବାକୁ ହବ ବୋଲି କହେ। ଏବେ ସ୍କୁଲ ସକାଳୁଆ ଥିବାରୁ ପ୍ରତିଦିନ ସନ୍ଧ୍ୟାରେ କରାଟେ କ୍ଲାସ ହେଉଛି ତାପରେ ଟ୍ୟୁଶନ୍ ଯାଉଛି।

**– ଅଙ୍କିତା ବାରିକ,** କ୍ଲାସ–୭, କେନ୍ଦ୍ରୀୟ ବିଦ୍ୟାଳୟ ନଂ–୧, ଭୁବନେଶ୍ୱର

## ବାଧ୍ୟତାମୂଳକ ଶିକ୍ଷା ହେବା ଦରକାର




ପ୍ରକୃତରେ କରାଟେ ଏଭଳି ଏକ ତାଲିମ୍ ଯାହା ଜଣକୁ ଭୟଶୂନ୍ୟ କରିଥାଏ। ବଞ୍ଚିବା ପାଇଁ ସାହସ ଓ ଶକ୍ତି ଦେଇଥାଏ। ଏହି ତାଲିମ୍ ଦ୍ୱାରା ପିଲାଟି ଛୋଟବେଳରୁ ନିଜପ୍ରତି କୌଣସି ପ୍ରକାରର ହିଂସାକୁ ପ୍ରତିରୋଧ କରିବା ଶିଖିପାରିବ। ସବୁ ପିଲା ଏସବୁ କୌଶଳ ଶିଖିବା ସହିତ ପ୍ରତିଦିନ ଅଭ୍ୟାସ ବି କରିବା ଦରକାର। ଅବଶ୍ୟ ଏବେ କେତେକ ସ୍କୁଲରେ ଏସବୁ କୌଶଳ ଶିକ୍ଷା ଦିଆଗଲାଣି , କହେଲେ ଚୟନ ଭିତ୍ତିରେ ପିଲାମାନେ ଏସବୁ କ୍ଲାସ କରୁଛନ୍ତି। କିନ୍ତୁ ଏହି ଶିକ୍ଷାକୁ ସବୁ ସ୍କୁଲରେ ବାଧ୍ୟତାମୂଳକ ଶିକ୍ଷାଭାବେ ଗ୍ରହଣ କରିବା ଦରକାର।

**– ଉଦୟନାଥ ରାଉତ**

କରାଟେ ଶିକ୍ଷକ, ୟୁ.ଏନ୍ କରାଟେ ସ୍କୁଲ, ସମେଇଗାଡିଆ, ଭୁବନେଶ୍ୱର




୧



୨




୩



୭




୪



୫



୬



୮

୧



**ପିୟାଳି ପ୍ରିୟଦର୍ଶିନୀ**
କ୍ଲାସ– ୬, ଡି.ଏନ୍ ୱିଶ୍‌ଡମ୍ ଗ୍ଲୋବାଲ୍ ସ୍କୁଲ, ଚନ୍ଦକା, ଭୁବନେଶ୍ୱର

୨

**ରିଆନ୍ସ ପଣ୍ଡା**
କ୍ଲାସ– ୪, ନ୍ୟୁ ହରାଇଜନ୍ ଗୁରୁକୁଳ, ବାଙ୍ଗାଲୋର



୩



**ଶୁଭଦ୍ରା ମହାରଣା**
କ୍ଲାସ– ୨, ବକ୍ସି ଜଗବନ୍ଧୁ ଇଂଲିଶ ମିଡିୟମ୍ ସ୍କୁଲ, ବିଜେବି ନଗର, ଭୁବନେଶ୍ୱର

୪

**ଶିବାଂଶୀ ଦାଶ**
କ୍ଲାସ– ୧, ସେଣ୍ଟ ଜୋଶେଫ ହାଇସ୍କୁଲ, କଟକ



୫



**ବିଶ୍ୱଜିତ୍ ପାଣି**
କ୍ଲାସ– ୬, ସେଣ୍ଟ୍ ଜାଭିୟର୍ସ ହାଇସ୍କୁଲ, ସତ୍ୟନଗର, ଭୁବନେଶ୍ୱର

୬

**ଆୟୁଷ କୁମାର ପାତ୍ର**
କ୍ଲାସ– ୫, କେ ଭି ଆଇ ଏନ୍ ଏସ୍ ଚିଲିକା, ମୋହନପୁର, ଗଞ୍ଜାମ



୭



**ଆକୃତି ଦାଶ**
କ୍ଲାସ–୧୦, ହୋଲି ଫାମିଲି ଇଂଲିଶ ମିଡିୟମ୍ ସ୍କୁଲ, ନୟାଗଡ

୮

**ଅମ୍ରିତ ସାହୁ**
କ୍ଲାସ– ୩, ଚନ୍ଦନ ମଣ୍ଡପ ସାହି ପ୍ରାଥମିକ ବିଦ୍ୟାଳୟ, ଇନ୍ଦିପୁର, ଢେଙ୍କାନାଳ



## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ

# ପିଗି ବ୍ୟାଙ୍କରେ କଏନ




କୁକୁର ବି ବିଶ୍ୱ ରେକର୍ଡ କରି ପାରେ ! କଥାଟା ଶୁଣି ହୁଏତ ଆଶ୍ଚର୍ଯ୍ୟ ଲାଗୁଥିବ । କିନ୍ତୁ ଏଭଳି ଏକ କାମ କରି ସମସ୍ତଙ୍କୁ ଚକିତ କରି ଦେଇଛି ଆମେରିକାର ଏକ କୁକୁର ଲିଓ । ମାତ୍ର ଏକ ମିନିଟ୍‌ରେ ଲିଓ ପିଗି ବ୍ୟାଙ୍କରେ ସବୁଠୁ ଅଧିକ କଏନ୍ ଭର୍ତ୍ତି କରିପାରିଥିବାରୁ ଏଭଳି ଏକ ରେକର୍ଡର ଅଧିକାରୀ ହୋଇପାରିଛି। ଲିଓର ମାଲିକ ହେଉଛନ୍ତି ଏମିଲେ ଆଣ୍ଡରସନ୍। ଲିଓକୁ ପିଗି ବ୍ୟାଙ୍କରେ କଏନ୍ ଭର୍ତ୍ତି କରିବା ପାଇଁ ସେ ଦୁଇ ବର୍ଷ ଧରି ତାଲିମ୍ ଦେଇଥିଲେ । ତେବେ ଏକ ମିନିଟ୍‌ରେ ଲିଓ ୨୩ଟି କଏନ୍ ଭର୍ତ୍ତି କରିବାକୁ ସକ୍ଷମ ହୋଇପାରିଥିଲା । ହେଲେ କଏନ୍‌ଗୁଡିକୁ ଆଣ୍ଡରସନ୍ ନିଜେ ଧରିଥିଲେ ଏବଂ ଗୋଟିଏ ପରେ ଗୋଟିଏ ଲିଓକୁ ଦେଉଥିଲେ । ଲିଓ ସେସବୁକୁ ନେଇ ବେଶ୍ ସୁନ୍ଦରଭାବେ ଅତିଶୀଘ୍ର ପିଗି ବ୍ୟାଙ୍କରେ ରଖି ପାରିଥିଲା ।




## କବିତା

### କୁନା କୁନି ସବୁ ଆସରେ

କୁନା କୁନି ସବୁ ଆସରେ
ମନଦେବା ପାଠ ପଢ଼ାରେ,
ଭଲ ପଢି ଭଲ କରିବା,
ଗୁରୁଜନ କଥା ମାନିବା
ସୁନା ପିଲାଟି ହୋଇବା ।
ମୁଖେ ଥିବ ସଦା ମିଠା ବଚନ
କହି ତୋଷିବା ଜନମନ ।
ଗୁରୁଙ୍କୁ କରିଲେ ସମ୍ମାନ
ଜଗତେ ହୋଇବା ମହାନ ।
ଗଛ ଲଗାଇବା ମିଶି
କେତେ ଭଲ ଲାଗେ ତା' ଛାଇ
ବର୍ଷା ହୁଏ ତାଆରି ପାଇଁ
ଅମ୍ଳଜାନ ସେ କେତେ ଦିଅଇ
ଗାନ୍ଧୀ ଗୋପବନ୍ଧୁ ହେବା
ଦୁଃଖୀଜନଙ୍କ ସେବା କରିବା
ସାହସୀ ହେବା ବାଜି ପରି
ଶାନ୍ତିର ବାର୍ତ୍ତା ଦେବା ଭରି ।

**– ଦିବାକର ସିଂ**
ଦୁବଲାଗଡ଼ି, ବାଲେଶ୍ୱର
ମୋ: ୮୬୫୮୧୩୨୫୭୪

### ଆଉଥରେ ଜନ୍ମ ନିଅ

ହେ ପୂଜ୍ୟ ଗାନ୍ଧିଜୀ ହେ ପୂଜ୍ୟ ଶାସ୍ତ୍ରିଜୀ
ଆଉଥରେ ଜନ୍ମନିଅ
ସତ୍ୟ ଶାନ୍ତି ମୈତ୍ରୀ ସ୍ନେହ କ୍ଷମା ପ୍ରୀତି
ଅହିଂସା ମନ୍ତ୍ର ଶିଖାଅ ।
କାମ କ୍ରୋଧ ଲୋଭ ଷଡ଼ ରିପୁଠାରୁ
ସର୍ବଦା ଦୂରରେ ଥିଲେ
ଆନକୁ କହିବା ଆଗରୁ ଉଭୟ
କାମଟିକୁ କରୁଥିଲେ ।
ମନ୍ଦ କହିବାନି ମନ୍ଦ ଦେଖିବାନି
ଶୁଣିବାନି ମନ୍ଦ କଥା
ତିନି ମାଙ୍କଡ଼ଙ୍କ ମୂରତି ସଜାଇ
ଦେଇଛ ଏଇ ବାରତା ।
ସତ୍ୟ ନ୍ୟାୟ ଶାନ୍ତି ଶାସ୍ତ୍ରିଜୀଙ୍କ ନୀତି
ଜୟ ଯବାନ– କିଷାନ
ଆଶିଷ ଦିଅନ୍ତୁ ଗାନ୍ଧିଜୀ, ଶାସ୍ତ୍ରିଜୀ
କରୁଅଛୁ ନିବେଦନ ।

**– ଡ. ଶରତ କୁମାର ଚଉଁରୀ**
ଟିଚର୍ସ କଲୋନି, ପିପିଲି, ପୁରୀ
ମୋ: ୯୪୩୭୫୫୧୨୦୩

### କର ଜଗତର ହିତ

ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ତଳେ
ନେବାରେ ଶପଥ ଆଜି
ସତପଥେ ଆମେ ଚାଲିବା ମନରୁ
ହିଂସା କପଟକୁ ତେଜି !
ଗୋରା କରୁଥିଲେ ଆମକୁ ଶାସନ
ଦେଶ ପରାଧୀନ ଥିଲା
ବାପୁଙ୍କ ଆଦର୍ଶ ଅହିଂସା ନୀତିରେ
ଭାରତ ସ୍ୱାଧୀନ ହେଲା !
ବିଦେଶୀ ଦରବ ବରଜନ ପାଇଁ
ଦେଉଥିଲେ ଉପଦେଶ
କୁଟିଖାଅ କାଟିପିନ୍ଧ କହୁଥିଲେ
ମୁହଁରେ ଫୁଟାଇ ହସ !
ଅତି ସାଧାରଣ ଜୀବନ ବିତାଇ
ଜନ୍ମ ଜୟନ୍ତୀରେ ତାଙ୍କ ଚରଣରେ
କୋଟି କୋଟି ଦଣ୍ଡବତ
ସରଗରେ ଥାଇ ଆଶିଷ ବରଷି
କର ଜଗତର ହିତ !

**– ଜଗଦୀଶ ସାହୁ**
ସଞ୍ଜପଡା, ହିନ୍ଦୋଳ, ଢେଙ୍କାନାଳ
ମୋ: ୯୦୭୮୧୮୫୬୧୬

### କରିବା ତାଙ୍କୁ ଆଦର୍ଶ



ପରାଧୀନ ଭାରତର ଛବି ଦେଖି
ହୋଇଥିଲେ ଯିଏ କାବା
ବିଦେଶୀଙ୍କୁ ତଡ଼ିବାକୁ ଏ ଦେଶରୁ
ଜନ୍ମିଥିଲେ ସତେ ଅବା ।
ବାଣ୍ଟିଥିଲେ ବୁଦ୍ଧ ଯୀଶୁଙ୍କ ଭଳି ଯେ
ମାନବ ଜାତିକୁ ପ୍ରେମ
ସତ୍ୟ ଶାନ୍ତି ଆଉ ଅହିଂସା ହୋଇଲା
ତାଙ୍କରି ଧର୍ମର ନାମ ।
ସମାଜରୁ ଜାତିପ୍ରଥା ଲୋପ ପାଇଁ
ନେଇଥିଲେ ଯେ ସଙ୍କଳ୍ପ
ଆପେ ଦୁଃଖ ସହି ଅପରକୁ ସୁଖ
ଦେବା ଥିଲା ତାଙ୍କ ତପ ।
ସତ୍ୟ ଅହିଂସାର ସାହାରା ନେଇ
ସ୍ୱାଧୀନ କଲେ ଏ ଦେଶ
ସେ ପରା ଆମରି ଜାତିର ଜନକ
ମହାତ୍ମା ମୋହନ ଦାସ ।
ଦେଶ ପାଇଁ ନିଜ ଜୀବନ ଦେଇ ସେ
ପାଲଟିଲେ ଇତିହାସ
ବିଶ୍ୱଶାନ୍ତି ପାଇଁ କରିବା ଆମେରେ
ସଭିଏଁ ତାଙ୍କୁ ଆଦର୍ଶ ।
ଆଜିଯାଏ କାହିଁ କେହି ଜଣେ ନାହିଁ
ହୋଇବ ତାଙ୍କରି ସମ
ଆହେ ମୁକ୍ତିଦାତା ସରଗ ରାଇଜେ
ଥାଇ ଘେନ ହେ ପ୍ରଣାମ ।

**– ରାଜକିଶୋର ସ୍ୱାଇଁ**
ନୂଆପଡ଼ା, ନୂଆବଜାର, କଟକ
ମୋ: ୯୪୩୭୪୪୨୦୪୧

# ଏଥରର



- ମରୁଭୂମିର ଜାହାଜ କାହାକୁ କହନ୍ତି ?
- ଭାରତର ଜାତୀୟ ପୁଷ୍ପର ନାମ ?
- ଭାରତର ଜାତୀୟ ଫଳର ନାମ ?
- ଭାରତର ଜାତୀୟ ବୃକ୍ଷର ନାମ ?
- ଲୋକ ସଭାର ପ୍ରଥମ ମହିଳା ବାଚସ୍ପତିଙ୍କ ନାମ ?


## ଗତଥରର

ଉ ଉ ର

- ଆଇଜାକ୍ ନିୟୁଟନ୍
- ପୃଥିବୀ
- ହକି
- ଭିଟାମିନ୍ 'ବି' ଅଭାବ କାରଣରୁ
- ଫଟୋସିନ୍ଥେସିସ୍



## କହିଲ ଦେଖି



ଆଖିରେ ଚଷମା ହାତରେ ବାଡ଼ି
ଅଣ୍ଟାରେ ତାଙ୍କର ଝୁଲଇ ଘଡି
ଅହିଂସା ଧର୍ମକୁ ଆପଣା କରି
ଆନ୍ଦୋଳନ ସିଏ ରଖିଲେ ଜାରି
ବାପୁଜୀ ନାମରେ ପ୍ରସିଦ୍ଧ ସିଏ
ନାମଟି ତାଙ୍କର କହିବ କିଏ ?

**ଉ– ମହାତ୍ମା ଗାନ୍ଧୀ**



ଦୁନିଆଁ ଗାଉଛି ତାଙ୍କ ସ୍ଲୋଗାନ
ଜୟ ଯବାନ ଆଉ ଜୟ କିଷାନ
ଲଢ଼ିଥିଲେ ଦେଶ ସ୍ୱାଧୀନ ପାଇଁ
ତାଙ୍କ ନାମ ଗାଏ ଭାରତ ଭୂଇଁ
ଅକ୍ଟୋବର ଦୁଇ ଜନ୍ମ ତାରିଖ
ପ୍ରଧାନମନ୍ତ୍ରୀ ହୋଇ ବୁଝିଲେ ଦୁଃଖ
ଭାରତ ରତ୍ନର ସେ ଅଧିକାରୀ
କିଏ ସେ କହିବ ନାମ ତାଙ୍କରି

**ଉ– ଲାଲ ବାହାଦୂର ଶାସ୍ତ୍ରୀ**



ଗାନ୍ଧିଜୀଙ୍କ ମୁଖ୍ୟ ଆଧାର ଜାଣ
ଅଟଇ ସର୍ବୋଚ୍ଚ ନୈତିକ ଗୁଣ
ଗାନ୍ଧିଜୀଙ୍କ ସୁନ୍ଦର ବାର୍ତ୍ତାଟି ସିଏ
ଶାନ୍ତିର ମାର୍ଗକୁ ଦେଖାଇ ଥାଏ
ହିଂସା ନକରିବାର କ୍ରିୟାଟି ସିଏ
ନାମଟି ତାହାର କହିବ କିଏ

**ଉ– ଅହିଂସା**

**– ପ୍ରଶାନ୍ତ କୁମାର ନାଥ**
ସୁନ୍ଦରପୁର,ପ୍ରୀତିପୁର,ଯାଜପୁର
ମୋ–୮୩୧୦୩୨୮୩୪୫



# ବାଣ ଫୁଟେଇବି ଜହ୍ନ ଉପରେ

ରାତିରେ ଦେଖୁଥିବା 'ଚନ୍ଦ୍ର'କୁ ଆମେ 'ଜହ୍ନ' ବୋଲି କହୁ । 'ଜହ୍ନ'କୁ ଦେଖିଲେ ଛୁଇଁବାକୁ ଇଚ୍ଛା ହୁଏ । 'ଜହ୍ନ'କୁ ଛୁଇଁବାର ଇଚ୍ଛା ଆଜି ପୂରଣ ହୋଇପାରିଛି । ପୃଥିବୀର ଅନେକ ଦେଶ ଚନ୍ଦ୍ରକୁ ମହାକାଶଯାନ ପଠାଇ ତା' ବିଷୟରେ ସବୁ ଖବର ରଖୁଛନ୍ତି । ୧୨ ଜଣ ମହାକାଶଚାରୀ ଯାଇ ଚନ୍ଦ୍ର ଉପରେ ଓହ୍ଲାଇ, ବୁଲାବୁଲି କରି, ସେଠାରୁ ମାଟି-ଧୂଳି-ପଥର ଧରି ପୁଣି ପୃଥିବୀକୁ ଫେରିଛନ୍ତି । ୧୯୬୯ ମସିହାରେ ନୀଲ ଆଲଡେନ୍ ଆର୍ମଷ୍ଟ୍ରଙ୍ଗ୍ ଓ ଏଡ୍‌ଉଇନ୍ ଇଉଜେନ୍ ଆଲଡ୍ରିନ୍ ଜୁନିୟର ପ୍ରଥମେ ଚନ୍ଦ୍ର ଉପରେ ଓହ୍ଲାଇ ଥିଲେ । ୨୦୦୮ ମସିହାରେ ଆମ ଦେଶ ଭାରତ ନିଜର ପ୍ରଥମ ମହାକାଶଯାନ 'ଚନ୍ଦ୍ରୟାନ-୧' ଏବଂ ୨୦୧୯ ମସିହାରେ ଦ୍ୱିତୀୟ ମହାକାଶଯାନ 'ଚନ୍ଦ୍ରୟାନ-୨'କୁ ଚନ୍ଦ୍ରକୁ ପଠେଇ ସାରିଥିଲା । ଗତ ୧୪।୭।୨୦୨୩ ତାରିଖରେ ଭାରତ ଚନ୍ଦ୍ରକୁ 'ଚନ୍ଦ୍ରୟାନ-୩' ପଠେଇଥିଲା, ଯାହା ଚଳିତ ବର୍ଷ ଅଗଷ୍ଟ ୨୩ ତାରିଖରେ ସହଜରେ ଚନ୍ଦ୍ରପୃଷ୍ଠରେ ଅବତରଣ କରି ସାରା ପୃଥିବୀକୁ ଚକିତ କରିଦେଲା ।

ଏବେ ସମସ୍ତଙ୍କ ମୁହଁରେ 'ଚନ୍ଦ୍ର' କଥା । ଆଗକୁ ଆସୁଛି ଦୀପାବଳି । ମୁଁ ଭାବୁଛି ଚନ୍ଦ୍ରକୁ ଯାଇ ତା' ଉପରେ ବାଣ ଫୁଟେଇବି । କାରଣ, ଚନ୍ଦ୍ରପୃଷ୍ଠରେ ଆଜି ପର୍ଯ୍ୟନ୍ତ କେହି ବାଣ ଫୁଟେଇ ନାହାନ୍ତି । ସେଠାରେ ମୁଁ ବାଣ ଫୁଟେଇଲେ ଖୁବ୍ ମଜା ହେବ । କିନ୍ତୁ ଚନ୍ଦ୍ରରେ ବାଣ ଫୁଟେଇବା କଥା ଭାବିବା ପୂର୍ବରୁ ବାଣରୁ କିପରି ଏତେ ଶବ୍ଦ ବାହାରେ, ସେକଥା ଚିନ୍ତା କରିବା ଦରକାର । ଶବ୍ଦ କେମିତି ସୃଷ୍ଟି ହୁଏ, ସେ ବିଷୟରେ ବୁଝିବା ଆବଶ୍ୟକ । ମୁଁ ଜାଣିଛି, ବାୟୁ କଣିକାଗୁଡ଼ିକ ପରସ୍ପର ସହିତ ଭଲ ସମ୍ପର୍କ ରଖନ୍ତି । କୌଣସି ଗୋଟିଏ ବାୟୁ କଣିକା ହଲିଲେ, ଅନ୍ୟ କଣିକା ମଧ୍ୟ ହଲିଯାଏ । ପ୍ରଥମ କଣିକାର ଶକ୍ତି ଦ୍ୱିତୀୟ କଣିକାକୁ ହଲେଇଦିଏ । ଏହାର ଅର୍ଥ, ଗୋଟିଏ କଣିକାରୁ ଆଉ ଗୋଟେ କଣିକାକୁ ଶକ୍ତି ଯାଇପାରେ । କଣିକାରୁ କଣିକା ଗତି କରି କରି ଯେତେବେଳେ ଏହି ଶକ୍ତି ଆମ କାନ ପରଦାକୁ ଛୁଇଁଥିବା କଣିକା ପାଖରେ ପହଞ୍ଚିଯାଏ, ସେତେବେଳେ ସେହି କଣିକାରେ କମ୍ପନ ସୃଷ୍ଟି ହୁଏ । ସେହି କମ୍ପନ ଆମ କାନ ପରଦାକୁ ହଲାଏ । କାନର ପରଦା ହଲିଲେ ଆମେ ଶବ୍ଦ ଶୁଣୁ । ମସ୍ତିଷ୍କ ଦ୍ୱାରା ଆମେ ଶବ୍ଦର ଅନୁଭୂତି ପ୍ରାପ୍ତ ହେଉ । ବାଣରୁ ବାହାରୁଥିବା ଶବ୍ଦକୁ ଶୁଣିବା ପାଇଁ ବାୟୁକଣିକା ହିଁ ଆମକୁ ସାହାଯ୍ୟ କରେ । ବାଣରେ ବାରୁଦ ଥାଏ । ଶବ୍ଦ ସୃଷ୍ଟି କରୁଥିବା ବାଣ ବା ବମ୍‌କୁ ଟାଣସୂତା ଦ୍ୱାରା କଷିକରି ବନ୍ଧାହେଇଥାଏ । ସେଥିରେ ନିଆଁ ଲଗେଇଲେ ଧୂଆଁ ସୃଷ୍ଟିହୁଏ । ବାଣ ଭିତରେ ଯେତିକି ଜାଗାରେ ବାରୁଦ ଥାଏ, ବାରୁଦରୁ ସୃଷ୍ଟି ହେଉଥିବା ଧୂଆଁ ରହିବା ପାଇଁ ହଜାରେ ଗୁଣ ଅଧିକ ଜାଗା ଦରକାର ହୁଏ । କିନ୍ତୁ ଛୋଟ ବାଣ ଭିତରେ ଏତେ ଜାଗା ନ ଥାଏ । ଏତେ ଧୂଆଁ ଅତି କମ୍ ଜାଗାରେ ରହି ବମ୍ ଭିତରେ ପ୍ରବଳ ଚାପ ସୃଷ୍ଟିକରେ । ଏତେ ଚାପକୁ ସହି ନ ପାରି ଶେଷରେ ବମ୍ ଫାଟିଯାଏ । ବମ୍ ଫାଟିଲେ ତା' ଭିତରେ ଅତି ଅଧିକ ଚାପରେ ରହିଥିବା ଆବଦ୍ଧ ଧୂଆଁ ଖୁବ୍ ଜୋରରେ ବାହାରକୁ ବାହାରିଆସେ, ଯାହାକି ବାହାରର ବାୟୁ କଣିକାଗୁଡ଼ିକୁ ଜୋର୍ ଜୋର୍ ହଲେଇ ଦିଏ । ଏଇ କମ୍ପନ ସେକେଣ୍ଡ ପ୍ରତି ପ୍ରାୟ ୩୩୨ ମିଟର ବେଗରେ ଗତିକରି ଆମ କାନପରଦା ପାଖରେ ପହଞ୍ଚିଯାଏ । ତେଣୁ ଆମ ପରଦାରେ ଜୋର୍ କମ୍ପନ ସୃଷ୍ଟି ହୁଏ । ଆମେ ବାଣରୁ ବାହାରିଥିବା ତୀବ୍ରଶବ୍ଦ ଶୁଣୁ । ବାୟୁମଣ୍ଡଳ ନ ଥିଲେ ବାଣରୁ ବାହାରିଥିବା କମ୍ପନ ଆମ କାନପାଖରେ ପହଞ୍ଚିପାରେ ନାହିଁ ଓ ଆମେ ବାଣଫୁଟା ଶୁଣିପାରନ୍ତୁ ନାହିଁ ।

ଏତେ କଥା କହିବା ପଛରେ ଅନେକ କାରଣ ରହିଛି । ପ୍ରଥମ କଥା, ନିଜର ଅଧିକ ମାଧ୍ୟାକର୍ଷଣ ବଳ ଥିବାରୁ ଆମ ପୃଥିବୀ ନିଜ ଚାରିପଟେ ବାୟୁକଣିକାଗୁଡ଼ିକୁ ଟାଣିରଖିଛି । ଏହାକୁ ଆମେ ବାୟୁମଣ୍ଡଳ କହୁ । ପୃଥିବୀ ଚାରିପଟେ ବାୟୁକଣିକାଗୁଡ଼ିକ ରହିଥିବାରୁ ଅନ୍ୟର କଥା ଓ ଅନ୍ୟାନ୍ୟ ଶବ୍ଦକୁ ଆମେ ଶୁଣିପାରୁ । ବାୟୁକଣିକାଗୁଡ଼ିକ ଶବ୍ଦକୁ ବିଭିନ୍ନ ଜାଗାରୁ ଆମ କାନ ପାଖକୁ ବୋହିଆଣନ୍ତି । କିନ୍ତୁ ଜହ୍ନ ଚାରିପଟେ ଆମ ପୃଥିବୀର ବାୟୁମଣ୍ଡଳ ପରି ବାୟୁମଣ୍ଡଳ ନାହିଁ । ଏହାର କାରଣ ହେଉଛି ଚନ୍ଦ୍ରର ଦୁର୍ବଳ ମାଧ୍ୟାକର୍ଷଣ ବଳ । ସୂର୍ଯ୍ୟ କିରଣରେ ଗରମ ହୋଇ ଚନ୍ଦ୍ରର ବାୟୁକଣିକାଗୁଡ଼ିକ ଜୋର୍ ଗତି କରନ୍ତି । ନିଜର ମାଧ୍ୟାକର୍ଷଣ ବଳ କମ୍ ଥିବାରୁ ଏହି ଗତିଶୀଳ କଣିକାଗୁଡ଼ିକୁ ଚନ୍ଦ୍ର ଟାଣି ରଖିପାରେ ନାହିଁ । ତେଣୁ ଚନ୍ଦ୍ରରେ ବାୟୁମଣ୍ଡଳ ନାହିଁ । ସେଥିପାଇଁ ଚନ୍ଦ୍ରରେ ବାଣ ଫୁଟାଇଲେ ବାଣରୁ ବାହାରୁଥିବା କମ୍ପନ ଆମ କାନପାଖରେ ପହଞ୍ଚିପାରିବ ନାହିଁ । ଆମକୁ ବାଣଫୁଟିବା ଶବ୍ଦ ଶୁଣାଯିବ ନାହିଁ । ତେଣୁ ଜହ୍ନରେ ବାଣ ଫୁଟେଇ କିଛି ଲାଭ ନାହିଁ । ଜହ୍ନରେ ବାଣଫୁଟା ଯୋଜନା ବନ୍ଦ ରହିଲା । ଠିକ୍ ହେଲା । ଜହ୍ନରେ ଫୁଟେଇବିନି କି ପୃଥିବୀରେ ବାଣ ଫୁଟେଇବିନି । ପୃଥିବୀର ବାୟୁମଣ୍ଡଳକୁ ଆଉ ବିଷାକ୍ତ କରିବିନି ।

-ଡ. କମଳାକାନ୍ତ ଜେନା
ପ୍ରଫେସର, ପଦାର୍ଥ ବିଜ୍ଞାନ ବିଭାଗ, ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ, ଭଦ୍ରକ





# ଆ ଇ ନା

ଦିବ୍ୟାଙ୍ଗନା ମିଶ୍ର
୯ ବର୍ଷ, ବାରିପଦା





ଅର୍ପିତା ପ୍ରଧାନ
୮ ବର୍ଷ, ବୋରିସିଙ୍ଗି